# ତହସିଲଦାର, ସଦର କଟକଙ୍କ କାର୍ଯ୍ୟାଳୟ

**ପତ୍ରସଂଖ୍ୟା---- ୭୦୪୮** . ତା---- ୨୪/୧୦/୨୦୧୮

## ଦୀର୍ଘମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ ଦ୍ୱାରା ସାର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ସଦର କଟକ ତହସିଲ୍ର ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ 2018-2019 ଆର୍ଥିକ ବର୍ଷଠାରୁ 2022-2023 ବର୍ଷ ପର୍ଯ୍ୟନ୍ତ ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC RULE-2016 FORM-M ପୁରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ Registered/Speed Post ଜରିଆରେ ତହସିଲଦାର ସଦର କଟକଙ୍କ ଠିକଣାରେ ଆସନ୍ତା ତା-15/11/2018 ଠାରୁ ଧାର୍ଯ୍ୟ ନିଲାମ ତାରିଖର ପୂର୍ବ କାର୍ଯ୍ୟଦିବସର ଅପରାହ୍ନ ପାଞ୍ଚ ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ । (ଛୁଟିଦିନ ବ୍ୟତିତ) ଲଫାପା ଉପରେ ସୈରାତ୍ ଉତ୍ସର ନାମ ଓ ସୈରାତ୍ କେଶ୍ ନଂ ଲେଖା ଥିବା ଆବଶ୍ୟକ । ନିଲାମ ଧାର୍ଯ୍ୟ ତାରିଖର ପୂର୍ବଦିନ ଅପରାହ୍ନ ପାଞ୍ଚ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ କଟକଙ୍କର ରହିଛି । ତା 04/12/2018, 11ଘଟିକା ସମୟରେ ଲିଜ୍ ଦରଖାସ୍ତ କାରୀଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯିବ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତି ନିଲାମ ଯଥାକ୍ରମେ 07/12/2018 ଏବଂ 11/12/2018 (ଦିବା 11 ଘଟିକା) ସମୟରେ ଅନୁଷ୍ଠିତ ହେବ ।

### ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍

1. ଦରଖାସ୍ତ ପାଉଣା ବାବଦ ଟ1000.00(ଏକ ହଜାର ଟଙ୍କା) ର ଟ୍ରେଜେରି ଚାଲାଣ ।
2. ଆବେଦନ କରିଥିବା ଲିଜ୍ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।
3. ସୈରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।
4. ଆବେଦନକାରୀ ରୟାଲିଟି(Royalty) ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡା 5% ହାରରେ ସ୍ଥିରୀକୃତ ହୋଇଥିବା ବାଲିର ପରିମାଣ ଉପରେ ଦେୟ ଅମାନତରାଶି(Earnest Money) ଡିମାଣ୍ଡ ଡ୍ରାଫ ଆକାରରେ ପୈଠ କରିବେ ।
5. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସଲଭେନ୍ସି ସାର୍ଟିଫିକେଟ୍ କିମ୍ବା 18 ମାସ ପର୍ଯ୍ୟନ୍ତ ଅବଧି ପ୍ରାପ୍ତ ଥିବା ବ୍ୟାଙ୍କ୍ ଗ୍ୟାରେଣ୍ଟି ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟ (Additional Charge) ର ମୂଲ୍ୟ ଠାରୁ କମ୍ ହୋଇ ନଥିବ ଏବଂ ଏଥି ସହିତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ ।
6. ନିଲାମଧାରୀ (Successful Bidder), Mining Plan ଓ Enviornmental Clearance ବାବଦକୁ ଦେୟ ପୈଠ କରିବାକୁ ହେବ ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କର ରହିଛି । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୁର୍ଣ୍ଣ ବିବରଣୀ **www.cuttack.nic.in** ରେ ଉପଲବ୍ଧ ହେବ ।

ତହସିଲଦାର, ସଦର, କଟକ

## ସର୍ତ୍ତାବଳୀ

1. ଆବେଦନକାରୀ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମାଳୀ-2016 (OMMC Rule-2016) ର ପରିସର ଭୁକ୍ତ ରହିବେ |
2. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କୁ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ | ଯଦି 1ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରି ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ |
3. ମାଇନିଂ ପ୍ଲାନରେ ସ୍ଥିରୀକୃତ ହୋଇଥିବା ଗଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge)ର ମୂଲ୍ୟକୁ ଗୁଣନ କରି ସଂପୃକ୍ତ ଅର୍ଥ ସହିତ ରୟାଲିଟି (@Rs35Per Cum)ପୈଠ କରିବେ | ଏଥି ସହିତ ଜିଲ୍ଲା ମିନେରାଲ ଫାଉଣ୍ଡେସନ ଦେୟ ମଧ୍ୟ ପୈଠକରିବାକୁ ହେବ | ଉପରୋକ୍ତ ସମ୍ପୂର୍ଣ୍ଣ ରାଶି ପୈଠ ହେଲାପରେ ରେଜିଷ୍ଟ୍ରେସନ୍ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ ଚୁକ୍ତିପତ୍ର (Lease Deed) ସମ୍ପାଦନ କରିବେ ଏବଂ ତତପରେ ଖାଦାନ ପରିଚାଳନା କରିବେ |
4. ଯଦି ସର୍ବୋଚ୍ଚ ଆଡିସନାଲ୍ ଚାର୍ଜ ବା ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପୈଠ ନକରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ |
5. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତିକମ୍ ହୋଇଥାଏ ଦେବେ ଲିଜ୍ ପ୍ରକ୍ରିୟାକୁ ରଦ୍ଦ କରାଯାଇ Controlling Authority ଙ୍କ ଅନନମତି କ୍ରମେ ନୂତନ ରୂପେ ନିଲାମ କରାଯିବ |
6. ଲିଜ୍ ଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁସାରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଉଥିବା Surface Rent, Dead Rent ଓ Royalty ପୈଠ କରିବେ |
7. ଲିଜ୍ ଧାରୀ ଉପରୋକ୍ତ ଦେୟ ସହିତ District Mineral Foundation Fund ଓ Enviornmental Management Fund ବାବଦ ଅର୍ଥରାଶି ବାର୍ଷିକ ଅଗ୍ରୀମ ଆକାରରେ ପ୍ରଦାନ କରିବେ |
8. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଆବଶ୍ୟକ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ |
9. କୃତକାର୍ଯ୍ୟ ହୋଇଥିବା ଲିଜଧାରୀ ଚୁକ୍ତିପତ୍ର (Lease Deed) ସମ୍ପାଦନ କରିବା ପୂର୍ବରୁ ଚୁକ୍ତିପତ୍ରର ସମସ୍ତ ସର୍ତ୍ତାବଳୀ ଅନୁପାଳନ କରିବା ପାଇଁ ସିକ୍ୟୁରିଟି ଡିପୋଜିଟ୍ ଆକାରରେ ଟ.10000.00 ପୈଠ କରିବେ |
10. ନିଲାମ ଧାରୀ OMMC Rule-2016 ର ନିୟମ-33(1-29) ର ସମସ୍ତ ସର୍ତ୍ତାବଳୀ ମାନିବାପାଇଁ ବାଧ୍ୟହେବେ |
11. ନିଲାମଧାରୀ ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ତଥା କୌଣସି ଭାରିଯାନ ଯେପରିକି ହାଇୱା ଇତ୍ୟାଦି ନଦୀବନ୍ଧ ଉପରେ ଚଳାଇବେ ନାହିଁ|
12. ନିଲାମଧାରୀ ଉତ୍ପାଦିତ ଲଘୁ ଖଣିଜ ଦ୍ରବ୍ୟ କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ |
13. ନିଲାମ ଧାରୀ ଜମା ରୟାଲଟିର 2% ଆୟକର ବାବଦକୁ ଟ୍ରେଜେରି ଚାଲାଣ ଆକାରରେ ଜମା କରିବେ |
14. ଲିଜ୍ ଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ |

**ନିଲାମ ସ୍ଥାନ – ଉପ-ଜିଲ୍ଲାପାଳ, ସଦର କଟକଙ୍କ କାର୍ଯ୍ୟାଳୟ ଧାର୍ଯ୍ୟ ତାରିଖ – 04/12/2018 (ଦିବା 11 ଘଟିକା)**

**ତା – 07/12/2018 (ଦିବା 11 ଘଟିକା)ତା – 11/12/2018 (ଦିବା 11 ଘଟିକା)**

ନିଲାମ ତାରିଖ ଦିନ ଦରଖାସ୍ତକାରୀ ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ |

ତହସିଲଦାର, ସଦର, କଟକ

## ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖାଦାନର ବିବରଣୀ

## ସୈରାତ ଉତ୍ସର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତଉତ୍ସର ନାମ ଏବଂ କେଶ ନଂ | ଖାତା ନଂ | ପ୍ଲଟ୍ ନଂ | ଋକବା ଏକର | କିସମ | ଲଘୁ ଖଣିଜର ନାମ | ସର୍ବନିମ୍ନ ରୟାଲଟି ମୂଲ୍ୟ (Per Cum) | ଅତିରିକ୍ତ ଦେୟ (Additional Charge) | Mining Plan ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ବାଲିର ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି Earnest Money ର ପରିମାଣ |
|---|---|---|---|---|---|---|---|---|---|---|---|
| 1 | କଲପଡା | କାଠଯୋଡି ନଦୀ ବାଲି 28/2018-19 | 1009 | 2 | ଏ.15000 | ନଦୀ | ବାଲି | Rs.35 | Rs.20 | 30044 | 82621 |

ତହସିଲଦାର ସଦର, କଟକ